# ଗ୍ରାମୀଣ କୃଷି ମୌସମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

---

ପତ୍ର ସଂ – ୦୩୦/୨୦୨୩ ସପ୍ତାହ-୧୫ ଗୁରୁବାର, ତାରିଖ-୧୩.୦୪.୨୦୨୩

## ନୂଆପଡା ଜିଲ୍ଲା ନିମନ୍ତେ ପାଣିପାଗ ଭିତିକ କୃଷି ଉପଦେଶ

**ପାଣିପାଗ ପୂର୍ବାନୁମାନ – ୧୪.୦୪.୨୦୨୩ ରୁ ୧୮.୦୪.୨୦୨୩ ପର୍ଯ୍ୟନ୍ତ:**

ଆସନ୍ତା ୧୪.୦୪.୨୦୨୩ ରୁ ୧୮.୦୪.୨୦୨୩ ମଧରେ ନୂଆପଡା ଜିଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଉକ୍ତ ପାଞ୍ଚ ଦିନରେ ସର୍ବମୋଟ ୧ମି.ମି. ବର୍ଷା ହେବା ସମ୍ଭାବନା ଅଛି। ଏହି ସମୟରେ ଆକାଶ ମେଘ ମୁକ୍ତ ରୁ ସାଧାରନତଃ ମଘୁଆ ରହିବାର ସମ୍ଭାବନା ଅଛି। ଉକ୍ତ ସମୟ ମଧରେ ପବନ ଦକ୍ଷିଣ – ପୂର୍ବ ରୁ ଦକ୍ଷିଣ - ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୦୦୬-୦୧୦ କି.ମି. ବେଗରେ ବୋହିବା ସମ୍ଭାବନା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୩୮ - ୪୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୩ - ୨୫ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୧୯ – ୩୬ % ଓ ୦୮ -୧୩ % ରହିବା ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶ ରେ ମେଘ ର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନ ର ବେଗ (କି.ମି. ପ୍ରତି ଘଣ୍ଟା ) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡା | ୧୪.୦୪.୨୦୨୩ | 0 | ୪୦ | ୨୪ | 0 | ୧୯ | ୯ | ୬ | ୨୦୨ |
| | ୧୫.୦୪.୨୦୨୩ | 0 | ୪୦ | ୨୩ | 0 | ୨୪ | ୯ | ୬ | ୧୮୦ |
| | ୧୬.୦୪.୨୦୨୩ | 0 | ୪୦ | ୨୩ | 0 | ୨୪ | ୮ | ୧୦ | ୧୩୫ |
| | ୧୭.୦୪.୨୦୨୩ | 0 | ୩୯ | ୨୪ | ୨ | ୩୪ | ୯ | ୭ | ୧୩୫ |
| | ୧୮.୦୪.୨୦୨୩ | ୧ | ୩୮ | ୨୫ | ୨ | ୩୬ | ୧୩ | ୯ | ୧୧୨ |

**ପାଣିପାଗ ଭିତିକ କୃଷି ଉପଦେଶ**

1. ଖରାଟିଆ ଧାନ ଚାଷ ପାଇଁ ରୋଗ ପୋକ ପରିଚାଳନା ଓ ଜଳ ପରିଚାଳନା ଜାରି ରଖନ୍ତୁ ।
2. ମକା, ଡାଲିଜାତୀୟ ଫସଲ ଓ ତୈଳବୀଜ ଫସଲ ପାଇଁ ରୋଗ ପୋକ ପରିଚାଳନା କ୍ଷତ ସାର ପରିଚାଳନା ଓ ଜଳ ପରିଚାଳନା ଜାରି ରଖନ୍ତୁ ।

**ଖରାଟିଆ ଧାନ :**

1. ଖରାଟିଆ ଧାନ ବର୍ତମାନ ୮୭ ରୁ ୯୭ ଦିନର ହୋଇ ଫଳ ଭରା ଅବସ୍ଥା ରେ ଅଛି ।
2. ମୁଖ୍ୟ ଜମିରେ ଜଳ, ଘାସ ଓ କୀଟ ପରିଚାଳନା ପାଇଁ ଯତ୍ନ ନିଅନ୍ତୁ ।
3. ଘାସ କୁ ହାତରେ ବାଛି ସଫା କରନ୍ତୁ ।
4. କାଣ୍ଡ ବିନ୍ଧା ପୋକ ର ଦମନ ପାଇଁ ଫିପ୍ରୋନୀଲ ୦.୩ ଜି ହେକ୍ଟର ପ୍ରତି ୧୨.୫ କିଲୋଗ୍ରାମ କିମ୍ବା କତ୍ରାପ ୪ଜି ହେକ୍ଟର ପ୍ରତି ୨୫ କିଲୋଗ୍ରାମ ହିସାବ ରେ ପ୍ରୟୋଗ କରନ୍ତୁ
5. ଜୀବାଣୁ ଜନିତ ପାତ୍ର ପୋଡା ରୋଗ ର ଦମନ ପାଇଁ ପ୍ଲାଣ୍ଟୋମାଇସିଁନ ଲିଟର ପ୍ରତି ୧ ଗ୍ରାମ ହିସାବରେ ପାଣିରେ ମିଶାଇ ଶିଚନ କରନ୍ତୁ ।

**ମକା :**

1. ମକା ବର୍ତମାନ ୮୭ ରୁ ୯୭ ଦିନର ହୋଇ ସବୁଜ ମକା ଅମଳ ଅବସ୍ଥା ରେ ଅଛି ।
2. ନିୟମିତ ବ୍ୟବଧାନ ରେ ଜଳସେଚନ କରନ୍ତୁ ।
3. ମକା ରେ କାଣ୍ଡ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଫିପ୍ରୋନୀଲ ୦.୩ ଜି ହେକ୍ଟର ପ୍ରତି ୧୨.୫ କିଲୋଗ୍ରାମ ହିସାବ ରେ ପ୍ରୟୋଗ କରନ୍ତୁ ।

**ମୁଗ :**

1. ମୁଗ ଫସଲ ବର୍ତମାନ ପରିପକ୍ୱ ଓ ଅମଳକ୍ଷମ ଅବସ୍ଥା ରେ ଅଛି ।
2. ସମ୍ପୂର୍ଣ୍ଣ ପରିପକ୍ୱ ଅବସ୍ଥାରେ ଗଛ ମୂଳରୁ କାଟି ମୁଗ ଅମଳ କରନ୍ତୁ।

**ଚିନାବାଦାମ:**

1. ଚୀନାବାଦାମ ୮୦ ରୁ ୮୫ ଦିନ ର ଫଳ ଭର୍ତି ଅବସ୍ଥା ରେ ଅଛି ।
2. ଜଳ ଓ କୀଟ ନିୟନ୍ତ୍ରଣ ପାଇଁ ସଜାଗ ରୁହନ୍ତୁ ।

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ “ମାଉସମ” ମୋବାଇଲ ଆପ୍ଲିକେସନ , ପାଣିପାଗ ଭିତିକ କୃଷି ସୂଚନା ପାଇଁ “ମେଘଦୂତ” ଓ ବିଜୁଳି ସତର୍କ ସୂଚନା ପାଇଁ “ଦାମିନୀ” ମୋବାଇଲ ଅପ୍ଲିକେସନ ବ୍ୟବହାର କରନ୍ତୁ।